# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**24 July – 2025**

****************************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ
- ଜାତୀୟ ସମବାୟ ନୀତି-୨୦୨୫ ଆଜି ଘୋଷଣା କରିବେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ
- ପ୍ରାମାଣିକ ସମାଚାରର ମାଗଣା ଉପଲବ୍ଧ ପାଇଁ ପ୍ରସାର ଭାରତୀ ଶବ୍ଦ ପ୍ଲାଟଫର୍ମରେ ପଞ୍ଜୀକରଣ କରିବାକୁ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ସରକାରଙ୍କ ପକ୍ଷରୁ ପରାମର୍ଶ

ଏବଂ

- ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଆରମ୍ଭ ହେଉଛି ଚିତାଲାଗି ନୀତି

*Desk*

# ଲୋକସଭା ଆଡଜର୍ଣ୍ଡ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଆଜିର ଉଭୟ ସଦନ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପ୍ରଥମାର୍ଦ୍ଧରେ ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଗୃହର ମଧ୍ୟଭାଗକୁ ଆସି ହୋହାଲ୍ଲା କରିବା ସହିତ ପ୍ଲା-କାର୍ଡ ପ୍ରଦର୍ଶନ କରିଥିଲେ । ଫଳରେ ବାଚସ୍ପତି ଶ୍ରୀ ବିର୍ଲା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ । ଅପରାହ୍ନ ଅଧିବେଶନ ଆରମ୍ଭ ହେବାର କିଛି ସମୟ ମଧ୍ୟରେ ଗୃହର ପରିସ୍ଥିତିରେ ବିଶେଷ ଉନ୍ନତି ପରିଲକ୍ଷିତ ନ ହେବାରୁ ବାଚସ୍ପତି ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି ।

ଅପରାହ୍ନ ଅଧିବେଶନରେ ରାଜ୍ୟସଭାରେ ଅନୁରୂପ ପରିସ୍ଥିତି ଲାଗି ରହିବାରୁ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଉପାଧ୍ୟକ୍ଷ ହରିବଂଶ ଆଜି ପୂର୍ବାହ୍ନରେ ନୂତନଭାବେ ମନୋନୀତ ସଦସ୍ୟ ଉଜ୍ଜ୍ୱଳ ନିକମଙ୍କୁ ଶପଥପାଠ କରାଇଥିଲେ । ପରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବିକରି ହଟ୍ଟଗୋଳ କରିଥିଲେ । ଗୃହକାର୍ଯ୍ୟ ପରିଚାଳନା କରିବା ସମ୍ଭବ ନ ହେବାରୁ ରାଜ୍ୟସଭା ଅଧିବେଶନକୁ ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

*Desk*

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୪ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

*Desk*

# ଜାତୀୟ ସମବାୟ ନୀତି

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀର ଅଟଳ ଅକ୍ଷୟ ଉର୍ଜ୍ଜା ଭବନରେ ଜାତୀୟ ସମବାୟ ନୀତି ୨୦୨୫ ଘୋଷଣା

କରିବେ । ସମବାୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ନୂତନ ଜାତୀୟ ସମବାୟ ନୀତିକୁ ସହଯୋଗ ମାଧ୍ୟମରେ ସମୃଦ୍ଧି ଦୃଷ୍ଟିକୋଣ ସହିତ ପ୍ରସ୍ତୁତ କରାଯାଇଛି । ନୂତନ ନୀତି ତୃଣମୂଳ ସ୍ତରରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ସହ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ କୁହାଯାଇଛି ।

***BBSR/R***

## ଲୋକସେବା ଭବନ- ବୈଠକ

ରାଜ୍ୟରେ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗକୁ ନେଇ ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୩ଟାରେ ଭୁବନେଶ୍ୱର ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, କ୍ରାଇମବ୍ରାଞ୍ଚ ଆଇ.ଜି'ଙ୍କ ସମେତ  ଗୃହ ଓ ଅର୍ଥ ବିଭାଗର ସଚିବ ମାନେ ଉପସ୍ଥିତ ରହିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

***Desk***

# ଶିକ୍ଷାନୁଷ୍ଠାନ-ନିଶାମୁକ୍ତ

ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ପରିସରକୁ ନିଶାମୁକ୍ତ କରିବା ପାଇଁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ମାନସ ପୋର୍ଟାଲର ଆରମ୍ଭ କରାଯାଇଛି । ଏହି ପୋର୍ଟାଲ ମାଧ୍ୟମରେ ଶିକ୍ଷାନୁଷ୍ଠାନ ପରିସରରେ ନିଶାଦ୍ରବ୍ୟ ବ୍ୟବହାର ସମ୍ପର୍କରେ ଅଭିଯୋଗ ଦାଖଲ କରାଯାଇପାରିବ । ଏଥିସହ ଜାତୀୟ ସହାୟତା ନମ୍ବର ୧୯୩୩ ଏବଂ ମୋବାଇଲ ଆପ୍

ଉମଙ୍ଗ ମାଧ୍ୟମରେ ମଧ୍ୟ ଅଭିଯୋଗ ଦାଖଲ କରିହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***PIB***

## ଛାତ୍ରବୃତ୍ତି ପ୍ରଦାନ

ବିଡ଼ି, ସିନେମା, ଖଣି ଶ୍ରମିକମାନଙ୍କ ପିଲାଙ୍କ ପାଠପଢ଼ା ନିମନ୍ତେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ପ୍ରାକ୍ ମାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପ୍ରଦାନ ପାଇଁ ଆବେଦନ ଆହ୍ୱାନ କରାଯାଇଛି। ଛାତ୍ରବୃତ୍ତି ପାଇବା ଲାଗି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଆଗ୍ରହୀ ଏବଂ ଯୋଗ୍ୟପ୍ରାର୍ଥୀମାନେ ଆସନ୍ତା ୩୧ ଅଗଷ୍ଟ ସୁଦ୍ଧା ଆବେଦନ କରିପାରିବେ। ଏକାଦଶରୁ ଊର୍ଦ୍ଧ୍ୱ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଆବେଦନର ଶେଷ ତାରିଖ ଅକ୍ଟୋବର ମାସ ୩୧ ତାରିଖ ରଖାଯାଇଛି। ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଛାତ୍ରଛାତ୍ରୀମାନେ www.scholarships.gov.in ପୋର୍ଟାଲରେ ଆବେଦନ କରିପାରିବେ। ଛାତ୍ରବୃତ୍ତି ସମ୍ପର୍କରେ ଅଧିକ ସହାୟତା ପାଇଁ ବିଡ଼ି ଓ ଖଣି ଶ୍ରମିକମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗାଯୋଗ କରିପାରିବେ।

***Desk***

## ପି.ବି. ଶବ୍ଦ ପ୍ଲାଟଫର୍ମ

ପ୍ରାମାଣିକ ସମାଚାରର ମାଗଣା ଉପଲବ୍ଧତା ପାଇଁ ପି.ବି. ଶବ୍ଦ ପ୍ଲାଟଫର୍ମରେ ପଞ୍ଜୀକରଣ କରିବାକୁ ସମ୍ବାଦପତ୍ର ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ପ୍ରସାର ଭାରତୀ ପକ୍ଷରୁ ପଞ୍ଜୀକରଣ ପାଇଁ ନିମନ୍ତ୍ରଣ

କରାଯାଇଛି।  ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାମାଣିକ ଓ ବୋଧଗମ୍ୟ ସୂଚନା ବ୍ୟାପକ ଭାବରେ ପ୍ରସାର ନିଶ୍ଚିନ୍ତ କରିବା ପାଇଁ ସମସ୍ତ ବିଶ୍ୱସନୀୟ ଗଣମାଧ୍ୟମ ସଂଗଠନଗୁଡ଼ିକୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପି.ବି. ଶବ୍ଦ ପୋର୍ଟାଲରେ ଜାତୀୟ ଏବଂ ଅନ୍ତର୍ଜାତୀୟ ଘଟଣାଗୁଡ଼ିକର ସିଧାପ୍ରସାରଣ, ଗବେଷଣା ଆଧାରିତ ଲେଖା, ଗୁରୁତ୍ୱପୂର୍ଣ୍ଣ ସମାଚାର ଏବଂ ମଲ୍ଟି ମିଡିଆ ବିଷୟବସ୍ତୁ ମାଗଣାରେ ଉପଲବ୍ଧ। ୨୦୨୪ ମସିହା ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିବା ପି.ବି. ଶବ୍ଦ ପ୍ରତିଦିନ ବହୁବିଧ ଭାରତୀୟ ଭାଷାରେ ୮୦୦ରୁ ଊର୍ଦ୍ଧ୍ୱ ସମାଚାର ପ୍ରସାରଣ କରୁଛି।

***Desk***

# ଚିତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆରମ୍ଭ କରାଯିବ।
ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

ପୁରୀ ଶ୍ରୀମନ୍ଦିରରେ ସ୍ନାନଯାତ୍ରା ଓ ଅଣସର ଏବଂ ନୀଳାଦ୍ରୀ ବିଜେର ପରବର୍ତ୍ତୀ ଚିତାଲାଗି ନୀତି ରଥଯାତ୍ରା ସହ ଜଡ଼ିତ। ବାହୁଡ଼ା ଯାତ୍ରାର ପୋଡ଼ପିଠା ଏବଂ ନୀଳାଦ୍ରୀ ବିଜେର ରସଗୋଲା ପରି ଚିତଉ ପିଠା ଏହି ନୀତିରେ ସ୍ୱତନ୍ତ୍ର ଭାବେ ଭୋଗ କରାଯାଇଥାଏ। ତିନି ଠାକୁରଙ୍କର

ମସ୍ତକରେ ଦୀର୍ଘ ଦେଢ଼ ମାସ ପରେ ଆଜି ଶ୍ରାବଣ ଅମାବାସ୍ୟାରେ ରତ୍ନଚିତା ଲାଗି କରାଯିବ। ପୌରାଣିକ ଉପାଖ୍ୟାନ ଅନୁଯାୟୀ, ଦେବତା ଏବଂ ଅସୁରଙ୍କ ଦ୍ୱାରା କ୍ଷୀର ସମୁଦ୍ର ମନ୍ଥନ ସମୟରେ ଶ୍ରାବଣ ଅମାବାସ୍ୟା ଦିନ ହିଁ ଐରାବତ ହସ୍ତି ଏବଂ ଅନେକ ରତ୍ନ ବାହରି ଥିଲା। ଐରାବତ ହସ୍ତୀକୁ ଇନ୍ଦ୍ର ନେଇଥିବାବେଳେ ଭଗବାନ ବିଷ୍ଣୁଙ୍କ ପାଖରେ ରତ୍ନଗୁଡ଼ିକ ରହିଥିଲା। ସେଇଥିପାଇଁ ଶ୍ରାବଣ ଅମାବାସ୍ୟା ଦିନ ରତ୍ନଧାରଣ ଶୁଭ ବୋଲି କୁହାଯାଇଥାଏ। ଏଥିପାଇଁ ଶ୍ରୀମନ୍ଦିରରେ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

***Ganjam***

## ଝାଡ଼ାବାନ୍ତି

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ଝାଡ଼ାବାନ୍ତି ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଆକ୍ରାନ୍ତଙ୍କୁ ଦିଗପହଣ୍ଡି ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଗୁରୁତର ଆକ୍ରାନ୍ତଙ୍କୁ ଇତିମଧ୍ୟରେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଏକ ମିଳିତ ଦଳ ପ୍ରଭାବିତ ଅଞ୍ଚଳରେ ପହଁଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ରୋଗର କାରଣ ଏବଂ ନିରାକରଣ ନେଇ ସଚେତନତା ସୃଷ୍ଟି ସହ ଏହି ଦଳ ସେଠାରେ ଆକ୍ରାନ୍ତଙ୍କୁ ଔଷଧ ବଣ୍ଟନ କରିଛନ୍ତି।

*Nuapada*

# ତାଲିମ ଶିବିର

ନୂଆପଡ଼ା ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି –ଆଇ.ସି.ସି. ଏବଂ ସ୍ଥାନୀୟ ଅଭିଯୋଗ କମିଟି– ଏଲ୍.ସି.ସି.ର ତାଲିମ ଶିବିର  ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହିଳାଙ୍କୁ ଯୌନ ନିର୍ଯାତନା ନିବାରଣ ଆଇନ୍-୨୦୧୩ ସମ୍ପର୍କରେ ଜିଲ୍ଲାପାଳ ମଧୁସୂଦନ ଦାସ ଆଲୋଚନା କରିଥିଲେ। ଜିଲ୍ଲାରେ ଯେଉଁ ବିଭାଗରେ ୧୦ରୁ ଅଧିକ ମହିଳା କର୍ମଚାରୀ କାର୍ଯ୍ୟରତ ଅଛନ୍ତି ସେ ସମସ୍ତ ବିଭାଗରେ ଆସନ୍ତା ୭ ଦିନ ମଧ୍ୟରେ ଆଇ.ସି.ସି. ଗଠନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆନ୍ତଃ ଅଭିଯୋଗ କମିଟି ପକ୍ଷରୁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଯୌନ ନିର୍ଯାତନା ନିବାରଣ ଆଇନ-୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-୨୦୧୫ ସମ୍ପର୍କରେ ଆଲୋଚନା କରାଯାଇଥିଲା।

***Desk***

# ଜଳସେଚନ

ରାଜ୍ୟର ୩୫ ପ୍ରତିଶତରୁ କମ୍ ଜଳସେଚନ କ୍ଷମତା ଥିବା ବ୍ଲକ ଗୁଡ଼ିକରେ ଅଧିକ ଜଳସେଚନ ପାଇଁ ପଦକ୍ଷେପ ନିଆଯାଇଛି । ଏଥିସହ ୯ଲକ୍ଷ ହେକ୍ଟର ଜମିରେ ନୂଆ ଜଳସେଚନ ସାମର୍ଥ୍ୟ ସୃଷ୍ଟିକରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ଓଡ଼ିଶା ଉଠା ଜଳସେଚନ ନିଗମ ଓଏଲ୍ଆଇସିର ବୈଠକରେ ୧୦ହଜାର ୩୮୦ଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଏବଂ ୧ଲକ୍ଷ ୫୦ହଜାର ୫୦୦ଟି ବୋରୱେଲ କାର୍ଯ୍ୟକ୍ଷମ କରାଯିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି ।

**Ganjam**

## ସାହାଣୀ କପ୍

ସାହାଣୀ କପ୍ ବରିଷ୍ଠ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗତକାଲି ୩ଟି ଜୋନ୍ କେନ୍ଦୁଝର, କେନ୍ଦ୍ରାପଡା ଓ ବ୍ରହ୍ମପୁରରେ କ୍ୱାର୍ଟରଫାଇନାଲ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ, କୋରାପୁଟ ଓ ସୁନ୍ଦରଗଡ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଆସନ୍ତା ୨୬ ଓ ୨୭ ତାରିଖରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk/Nuapada*

# ପାଣିପାଗ

ସାମୁଦ୍ରିକ ଝଡ଼ ଓ୍ୱିଫା ଘୂର୍ଣ୍ଣିବଳୟ ରୂପରେ ବଙ୍ଗୋପସାଗରରେ ପ୍ରବେଶ କରିଛି । ଏହାର ପ୍ରଭାବରେ ଆଜି ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୦୯ ଦଶମିକ ୭/୭ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୬୫ ହଜାର ୨୭୯ ଘନଫୁଟ ଜଳ ପ୍ରବେଶ କରୁଛି। ଏହାସହ ଚାରୋଟି ସ୍ଲୁଇସ୍ ଗେଟ୍ ଦେଇ ୯୨ ହଜାର ୪୯୬ ଘନଫୁଟ ଜଳ ନିଷ୍କାସିତ ହେଉଛି ।

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ାରେ  ପ୍ରବଳ ବର୍ଷା ଯୋଗୁଁ ଜୀବନଯାତ୍ରା ବ୍ୟାହତ ହୋଇଛି। ସୁନାବେଡ଼ାରୁ ଗାଡିବେଡ଼କୁ ସଂଯୋଗ କରୁଥିବା ପୋଲ ପ୍ରବଳ ବର୍ଷା ଯୋଗୁଁ ଧୋଇ ହୋଇଯାଇଛି।

******************************